# NATIONAL NEWS BULLETIN (ODIA)
## 15th February - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ବିକଶିତ ରାଷ୍ଟ୍ର ଗଠନ ଦିଗରେ କେନ୍ଦ୍ର ବଜେଟ୍’ ଭାରତର ଉତ୍ସୁକତାକୁ ପ୍ରତିଫଳିତ କରୁଛି; କହିଲେ ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ।

— ପିପୁଲ୍, ପ୍ଲାନେଟ୍ ଏବଂ ପ୍ରୋଗ୍ରେସ୍ ଉପରେ କରାଯିବ ଗୁରୁତ୍ୱ ପ୍ରଦାନ ।

- ଜର୍ମାନୀରେ ମ୍ୟୁନିକ୍ ନିରାପତ୍ତା ଅଧ୍ୟକ୍ଷଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଜି ଆଲୋଚନା କରିଛନ୍ତି ବୈଦେଶିକ ମନ୍ତ୍ରୀ ।
- ବେଙ୍ଗାଲୁରୁରେ ଆସନ୍ତା ମଙ୍ଗଳବାର ଦିନ ହେବାକୁ ଥିବା ଷଷ୍ଠ ଭାରତ-ଫ୍ରାନ୍ସ ବାର୍ଷିକ ପ୍ରତିରକ୍ଷା ଆଲୋଚନା ବୈଠକରେ ସହ-ଅଧ୍ୟକ୍ଷତା କରିବେ ପ୍ରତିରକ୍ଷା ମନ୍ତ୍ରୀ ।

ଏବଂ

- ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଜାରି ।

## ପି.ଏମ୍. - ଇଣ୍ଟରଭ୍ୟୁ ପି.ଟି.ଆଇ.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଆସନ୍ତା ଆର୍ଥିକ ବର୍ଷର କେନ୍ଦ୍ର ବଜେଟ୍ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଭାରତର ଉତ୍ସୁକତାକୁ ପ୍ରତିଫଳିତ କରୁଛି । ଏକ ସମ୍ବାଦ ସରବରାହ ସଂସ୍ଥାକୁ ସାକ୍ଷାତ୍‌କାର ଦେଇ ଶ୍ରୀ ମୋଦି କହିଛନ୍ତି, ଚଳିତ ବଜେଟ୍ (ବର୍ତ୍ତମାନ କିମ୍ବା କେବେ ନୁହେଁ) ମୁହୂର୍ତ୍ତର ବଜେଟ୍ ନୁହେଁ; ବରଂ ଏହା ଅଗାମୀ ଦିନରେ ପ୍ରସ୍ତୁତି ଏବଂ ପ୍ରେରଣା ପାଇଁ (ଆମେ ପ୍ରସ୍ତୁତ)କୁ ସୂଚିତ କରିଥାଏ । ଭାରତ ସହିତ ଅନ୍ୟ ଦେଶର ହୋଇଥିବା ବାଣିଜ୍ୟ ବୁଝାମଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତରେ ରାଜନୈତିକ ସ୍ଥିରତା ଏବଂ ଆକଳନଯୋଗ୍ୟ ପରିସ୍ଥିତି ଯୋଗୁଁ ଭାରତ ପ୍ରତି ପୁଞ୍ଜିନିବେଶକାରୀମାନଙ୍କ ଆସ୍ଥା ବୃଦ୍ଧି ପାଇଛି । ସୁଦୃଢ଼ ନିର୍ମାଣ କ୍ଷେତ୍ର, ସେବା ଏବଂ ଏମ୍.ଏସ୍.ଏମ୍.ଇ.’ ଭାରତକୁ ବାଣିଜ୍ୟ କ୍ଷେତ୍ରରେ ଅଧିକ ମଜବୁତ୍ କରିପାରିଛି । ଭାରତର ମୁକ୍ତ ବାଣିଜ୍ୟ ବୁଝାମଣା ଯୋଗୁଁ ବୟନ, ଚମଡ଼ା ଶିଳ୍ପ, ରସାୟନ, ହସ୍ତଶିଳ୍ପ, ରତ୍ନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଏମ୍.ଏସ୍.ଏମ୍.ଇ.

ପାଇଁ ବଜାର ସୁବିଧାକୁ ମଧ୍ୟ ବ୍ୟାପକ କରାଯାଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଶ୍ରୀ ମୋଦି ପୂର୍ବର ୟୁ.ପି.ଏ. ସରକାରକୁ ସମାଲୋଚନା କରି କହିଛନ୍ତି, ତାଙ୍କର ଅର୍ଥନୈତିକ କୁପରିଚାଳନା ଯୋଗୁଁ ଭାରତ ପ୍ରତି ନିବେଶକାରୀମାନଙ୍କ ଆସ୍ଥା ହ୍ରାସ ପାଇଥିଲା । ଆଗାମୀ ପର୍ଯ୍ୟାୟରେ ଅର୍ଥନୈତିକ ରୂପାନ୍ତରଣ କ୍ଷେତ୍ରରେ ଘରୋଇ କ୍ଷେତ୍ରର ଗୁରୁତ୍ୱ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସେମାନଙ୍କଠାରୁ ସିଦ୍ଧାନ୍ତକାରୀ ପ୍ରତିକ୍ରିୟାପାଇଁ ଆଶାପୋଷଣ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଘରୋଇ କ୍ଷେତ୍ର ନିଜର ଲାଭାଂଶ ଉପରେ କମ୍ ଦୃଷ୍ଟି ଦେଇ ଗୁଣାତ୍ମକ ଏବଂ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ଦିଗରେ ଅଧିକ ପୁଞ୍ଜିନିବେଶକୁ ଗୁରୁତ୍ୱ ଦେବା ଉଚିତ । ନବସୃଜନ, ଦୀର୍ଘସ୍ଥାୟୀ କ୍ଷମତା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଘରୋଇ କ୍ଷେତ୍ରରେ ପୁଞ୍ଜିନିବେଶ ଉପରେ ବିକଶିତ ଭାରତ ନିର୍ଭର କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପି.ଏମ୍. - ଇଣ୍ଡିଆ ଏ.ଆଇ. ଏକ୍ସପୋ-୨୦୨୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଆସନ୍ତାକାଲି ନୂଆଦିଲ୍ଲୀରେ ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ଉଦ୍‌ଘାଟନ କରିବେ । ଏହା ସ୍ୱାସ୍ଥ୍ୟ, ସେବା, କୃଷି ଏବଂ ପ୍ରଶାସନ କ୍ଷେତ୍ରରେ ସମାଧାନର ସୂତ୍ର ବାହାର

କରିବ । ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଅଷ୍ଟ୍ରେଲିଆ, ଜାପାନ, ରୁଷ୍, ଆମେରିକା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡସ୍, ସ୍ୱିଜରଲାଣ୍ଡ, ସର୍ବିୟା, ଏଷ୍ଟୋନିଆ, କାଜାଖସ୍ଥାନ ଏବଂ ଆଫ୍ରିକାର କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ପାଭିଲିୟନ୍ ପ୍ରଦର୍ଶନ କରାଯିବ । ଏହା ଏ.ଆଇ. କ୍ଷେତ୍ରରେ ବୈଶ୍ୱିକ ସହଯୋଗକୁ ତ୍ୱରାନ୍ୱିତ କରିବାର ସମ୍ଭାବନା ରହିଛି । ସମ୍ମିଳନୀରେ ୩ ଶହରୁ ଅଧିକ ପ୍ରଦର୍ଶନୀ ମଣ୍ଡପ ଏବଂ ସିଧାସଳଖ ବ୍ୟାବହାରିକ ଉପଯୋଗ କୌଶଳ ପ୍ରଦର୍ଶନ କରାଯିବ । କାର୍ଯ୍ୟକ୍ରମର ରୂପରେଖ ୩ଟି ପ୍ରମୁଖ ବିଷୟ People, Planet and Progress ଉପରେ ଆଧାରିତ । ଏଥିରେ ୬ ଶହରୁ ଅଧିକ ଷ୍ଟାର୍ଟଅପ୍ ଭାଗ ନେବେ । ସମ୍ମିଳନୀରେ ୫ ଶହରୁ ଅଧିକ ଅଧିବେଶନର ଆୟୋଜନ କରାଯିବ । ସେଥିରେ ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ, ଭବିଷ୍ୟ ଏବଂ ସମ୍ଭାବନା ସମ୍ପର୍କରେ ଆଲୋଚନା କରାଯିବ । ସମ୍ମିଳନୀରେ ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ସମେତ ଅଢ଼େଇ ଲକ୍ଷରୁ ଅଧିକ ପରିଦର୍ଶକ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ବିଶ୍ୱ ସ୍ତରରେ ଏ.ଆଇ. ବ୍ୟବସ୍ଥାରେ ନୂତନ ଭାଗିଦାରିତା ଏବଂ ବ୍ୟାବସାୟିକ ସୁଯୋଗ ସୃଷ୍ଟି କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ରହିଛି ।

ସମ୍ମିଳନୀରେ ଅଂଶଗ୍ରହଣ କରିବାପାଇଁ ସାଉଦି ଆରବ ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ କାର୍ଯ୍ୟରତ ଶୀର୍ଷ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇଛି । ଡକ୍ଟର ଅବଦୁଲ୍ଲା ଆଲ୍‌ଘାମ୍‌ଦି ଏହାର ନେତୃତ୍ୱ ନେଇଛନ୍ତି ।

ମାନବିକତା ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ସମ୍ପର୍କରେ ସାଉଦି ଆରବ ପକ୍ଷରୁ ପ୍ରଦର୍ଶନ କରାଯିବା ସହ ଏ କ୍ଷେତ୍ରରେ ଭାରତ ସହ ସହଯୋଗ ବୃଦ୍ଧିପାଇଁ ପ୍ରତିବଦ୍ଧତା ପ୍ରକାଶ ପାଇଛି ।

## ଜୟଶଙ୍କର - ମ୍ୟୁନିକ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର’ ମ୍ୟୁନିକ୍ ନିରାପତ୍ତା ସମ୍ମିଳନୀର ଅଧ୍ୟକ୍ଷ ଉଲ୍‌ଫ୍‌ଗ୍ୟାଙ୍ଗ୍ ଇଶିଙ୍ଗରଙ୍କ ସହ ଆଜି ଜର୍ମାନୀଠାରେ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ମ୍ୟୁନିକ୍ ନିରାପତ୍ତା ସମ୍ମିଳନୀ-୨୦୨୬’ ଦୁଇଦେଶ ମଧ୍ୟରେ ମତ ବିନିମୟ ଓ ଦୃଷ୍ଟିକୋଣ ଆଦାନ ପ୍ରଦାନପାଇଁ ସୁଯୋଗ ସୃଷ୍ଟି କରିଛି ।

ଡକ୍ଟର ଜୟଶଙ୍କର ରୋମାନିଆର ବୈଦେଶିକ ବ୍ୟାପାର ମନ୍ତ୍ରୀ ଓଆନା-ସିଲ୍‌ଭିଆ ତୋଇଙ୍କ ସହ ମଧ୍ୟ ସାକ୍ଷାତ୍ ଆଲୋଚନା କରିଛନ୍ତି । ଉଭୟ ଭାରତ-ରୋମାନିଆ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ବୁଝାମଣାର ସମୀକ୍ଷା କରିଥିଲେ । ସେ ମଧ୍ୟ ବୁନ୍ଦେସ୍ତାଗଠାରେ ଖ୍ରୀଷ୍ଟିଆନ ଗଣତନ୍ତ୍ର ୟୁନିୟନ୍‌ର ନେତାମାନଙ୍କ ସହ ଆଲୋଚନା କରିଛନ୍ତି । ଡକ୍ଟର ଜୟଶଙ୍କର ଭାରତ-

ଜର୍ମାନୀ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ଦିଗରେ ସେମାନଙ୍କର ସମର୍ଥନକୁ ପ୍ରଶଂସା କରିଛନ୍ତି ।

## ରାଜନାଥ - ଫ୍ରେଞ୍ଚ ଡାଏଲଗ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତା ମଙ୍ଗଳବାର ବେଙ୍ଗାଲୁରୁଠାରେ ହେବାକୁ ଥିବା ଷଷ୍ଠ ଭାରତ-ଫ୍ରାନ୍ସ ବାର୍ଷିକ ପ୍ରତିରକ୍ଷା ଆଲୋଚନା ବୈଠକରେ ସହ-ଅଧ୍ୟକ୍ଷତା କରିବେ । ବୈଠକରେ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ କ୍ୟାଥେରିନ୍ ଭଟ୍ରିନ୍ ଯୋଗଦେବେ । ଆଲୋଚନାକାଳରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ଏବଂ ଶିଳ୍ପ ସହଯୋଗକୁ ବ୍ୟାପକ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ବୈଠକରେ ପ୍ରତିରକ୍ଷା ସହଯୋଗ ବୁଝାମଣାକୁ ଆଗାମୀ ୧୦ ବର୍ଷପାଇଁ ପୁଣିଥରେ ନବୀକରଣ କରାଯିବାର ସମ୍ଭାବନା ରହିଛି । ସେଥିରେ HAMMER କ୍ଷେପଣାସ୍ତ୍ର ନିର୍ମାଣପାଇଁ ଦ୍ୱିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତା ହେବାର ମଧ୍ୟ ଆଶା କରାଯାଉଛି । କର୍ଣ୍ଣାଟକର ଭେମାଗାଲଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଲ୍ ମାକ୍ରନ୍ଙ୍କଦ୍ୱାରା H125 ହାଲୁକା ହେଲିକପ୍ଟର' ଟାଟା ଏୟାର୍‌ବସ୍‌ର ଆଭାସୀ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଏହି ମନ୍ତ୍ରୀଦ୍ୱୟ ଦେଖିବେ । ୨୦୨୫ ମସିହା

ଅକ୍ଟୋବରରେ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ଭାବେ ଶ୍ରୀ ଭଟ୍ରିନ୍ ଦାୟିତ୍ୱ ନେବା ପରେ ଏହା ଭାରତକୁ ତାଙ୍କର ପ୍ରଥମ ଗସ୍ତ । ୨୦୨୩ ମସିହା ଅକ୍ଟୋବର ୧୧ରୁ ୧୩ ତାରିଖ ମଧ୍ୟରେ ଫ୍ରାନ୍ସରେ ଏହି ବୈଠକର ପଞ୍ଚମ ସଂସ୍କରଣ ହୋଇଥିଲା ।

## ଏମ୍.ଇ.ଏ. - ବାଂଲାଦେଶ ସ୍ୱିୟରିଂ ଇନ୍

ଲୋକସଭା ବାଚସ୍ପତି ଓମ୍ ବିର୍ଲା’ ଭାରତ ପକ୍ଷରୁ ଢାକାଠାରେ ଆସନ୍ତା ୧୭ ତାରିଖ ମଙ୍ଗଳବାର ଦିନ ହେବାକୁ ଥିବା ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ଅଧ୍ୟକ୍ଷ ତାରିକ୍ ରହମାନଙ୍କ ନେତୃତ୍ୱରେ ଗଠିତ ନୂତନ ନିର୍ବାଚିତ ସରକାରଙ୍କ ଶପଥଗ୍ରହଣ ସମାରୋହରେ ଯୋଗଦେବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ବାଚସ୍ପତିଙ୍କ ଏହି ଯୋଗଦାନ ଭାରତ ଏବଂ ବାଂଲାଦେଶ ଜନସାଧାରଣଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ସୁଦୃଢ଼ କରିବ । ପଡ଼ୋଶୀ ରାଷ୍ଟ୍ରଭାବେ ଭାରତ ବାଂଲାଦେଶର ଐତିହ୍ୟ, ସଂସ୍କୃତିକୁ ସମ୍ମାନ ଜଣାଏ । ତାରିକ୍ ରହମାନଙ୍କ ନେତୃତ୍ୱରେ ନିର୍ବାଚିତ ସରକାରକୁ ଭାରତ ସ୍ୱାଗତ ଜଣାଇଛି ।

## ଏଚ୍.ସି. - ଏ.ଆଇ. ସମ୍ମିଟ୍

ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ ଏବଂ ଦିଲ୍ଲୀ ବାର୍ କାଉନ୍ସିଲ୍ ନିର୍ବାଚନ ପରିପ୍ରେକ୍ଷୀରେ ଦିଲ୍ଲୀ ହାଇକୋର୍ଟ ପକ୍ଷରୁ ଆଇନଜୀବୀ ଏବଂ ମକଦ୍ଦମାକାରୀମାନଙ୍କୁ ଆସନ୍ତାକାଲିଠାରୁ ଚଳିତ ମାସ ୨୩ ତାରିଖ ପର୍ଯ୍ୟନ୍ତ ଅଦାଲତରେ ଆଭାସୀ ମାଧ୍ୟମରେ ଯୋଗଦେବାକୁ ଅନୁମତି ପ୍ରଦାନ କରାଯାଇଛି । ଦିଲ୍ଲୀ ହାଇକୋର୍ଟ ନିକଟବର୍ତ୍ତୀ ଭାରତ ମଣ୍ଡପମ୍‌ଠାରେ ଆସନ୍ତାକାଲିଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଏବଂ ଆସନ୍ତ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଅଦାଲତ ପରିସରରେ ବାର୍ କାଉନ୍ସିଲ୍ ନିର୍ବାଚନ ହେବାକୁ ଥିବାରୁ ଦିଲ୍ଲୀ ହାଇକୋର୍ଟ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି । ଗତକାଲି ନ୍ୟାୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି, ଅଦାଲତରେ ହାଇବ୍ରିଡ୍ ମୋଡ୍‌ରେ କାର୍ଯ୍ୟ ଜାରି ରହିବ ଏବଂ ଆଭାସୀ ମାଧ୍ୟମରେ ଉପସ୍ଥିତିକୁ ଇଚ୍ଛାଧୀନ ରଖାଯାଇଛି ।

## ପି.ଏମ୍. - ସନ୍ଥ ସେବାଲାଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି’ ସମାଜ ସଂସ୍କାରକ ସନ୍ଥ ସେବାଲାଲ୍ ମହାରାଜଙ୍କ ଆଜି ଜନ୍ମବାର୍ଷିକୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ

କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସନ୍ଥ ସେବାଲାଲ ମହାରାଜ ସମାଜରେ ସତ୍ୟ, ଅହିଂସା ଏବଂ ନୈତିକ ମୂଲ୍ୟବୋଧର ବାର୍ତ୍ତା ପ୍ରଚାର କରିଥିଲେ । ସନ୍ଥ ସେବାଲାଲଙ୍କ ଜୀବନାଦର୍ଶ ଦେଶବାସୀଙ୍କୁ ଦିଗ୍‌ଦର୍ଶନ ଓ ପ୍ରେରଣା ଯୋଗାଇ ଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଦୁବାଇ-ଇଣ୍ଟରନ୍ୟାସନାଲ ଆୟୁଷ କନ୍‌ଫରେନ୍ସ

ଦୁବାଇର ବିଶ୍ୱ ବାଣିଜ୍ୟ କେନ୍ଦ୍ରଠାରେ ଆଜିଠାରୁ ତିନିଦିନିଆ ତୃତୀୟ ଆନ୍ତର୍ଜାତିକ ଆୟୁଷ ସମ୍ମିଳନୀ ଏବଂ ପ୍ରଦର୍ଶନୀ ଆରମ୍ଭ ହୋଇଛି । ଏହି ସମ୍ମିଳନୀରେ ପ୍ରାଚୀନ ଚିକିତ୍ସା ପଦ୍ଧତି ଏବଂ ଏହାର ସମକାଳୀନ ବ୍ୟବହାର ସମ୍ପର୍କରେ ପ୍ରଦର୍ଶନ କରାଯାଉଛି । ଆୟୁର୍ବେଦ, ଯୋଗ, ୟୁନାନୀ, ସିଦ୍ଧ ଏବଂ ହୋମିଓପ୍ୟାଥିକର ସମାହାର ହେଉଛି ଆୟୁଷ । ସମ୍ମିଳନୀକୁ ଭାରତର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଉଦ୍‌ଘାଟନ କରି କହିଛନ୍ତି, ଦେଶର ପାରମ୍ପରିକ ଜ୍ଞାନ ଆନ୍ତର୍ଜାତିକ ସ୍ତରରେ ଆଦୃତ ହୋଇଛି । ବିଶ୍ୱରେ ମାନସିକ ସ୍ୱାସ୍ଥ୍ୟ ଏବଂ ଜୀବନଶୈଳୀ ସମ୍ପର୍କିତ ସମସ୍ୟା ବୃଦ୍ଧି ପାଉଥିବାବେଳେ ଆୟୁଷ ପଦ୍ଧତି ବ୍ୟକ୍ତିର ଶରୀର, ମନ ଏବଂ ପରିବେଶ ମଧ୍ୟରେ ସନ୍ତୁଳନ ରଖି ସମସ୍ୟାର ସମାଧାନ କରିଥାଏ । ସମ୍ମିଳନୀରେ ଆୟୁଷ ସମ୍ପର୍କିତ ଏକ

ଶ୍ୱେତପତ୍ର ପ୍ରକାଶ ପାଇବ । ଏହି ଶ୍ୱେତପତ୍ର ଆନ୍ତର୍ଜାତିକ ସ୍ତରରେ କାର୍ଯ୍ୟ କରୁଥିବା ପାରମ୍ପରିକ ଚିକିତ୍ସା ଅନୁଷ୍ଠାନ ଓ ସଂସ୍ଥାଗୁଡ଼ିକୁ ସହାୟକ ହେବ ବୋଲି ଶ୍ରୀ ଯାଦବ କହିଛନ୍ତି । ସମ୍ମିଳନୀରେ ୧୨୦ରୁ ଊର୍ଦ୍ଧ୍ୱ ଔଷଧ କମ୍ପାନୀ, ଗବେଷଣା ସଂସ୍ଥା ଓ ଚିକିତ୍ସା ଭ୍ରମଣ ପ୍ରଦାନ କରୁଥିବା ସଂସ୍ଥା ଯୋଗ ଦେଇଛନ୍ତି ।

## ଆଇ.ସି.ସି. କ୍ରିକେଟ୍ - ଟି-ଟ୍ୱେଣ୍ଟି

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ପୁରୁଷ ବିଶ୍ୱକପ୍‌ରେ ଶ୍ରୀଲଙ୍କାର ଆର୍. ପ୍ରେମଦାସା ଷ୍ଟାଡିୟମ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ପାକିସ୍ତାନ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୬ ଓଭର୍‌ରେ ଗୋଟିଏ ୱିକେଟ୍ ହରାଇ ୫୨ ରନ୍ ସଂଗ୍ରହ କରିଛି । ଉଭୟ ଦଳ ୨ଟି ଲେଖାଏଁ ମ୍ୟାଚ୍‌ରେ ବିଜୟ ଲାଭ କରି ସମାନ ସ୍ତରରେ ଅଛନ୍ତି ।

ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ଠାରେ ନେପାଳ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ନେପାଳକୁ ୯ ୱିକେଟ୍‌ରେ ପରାସ୍ତ କରି ସୁପର ଏଇଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ନେପାଳ ନିର୍ଦ୍ଧାରିତ

୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୩୩ ରନ୍ ସଂଗ୍ରହ କରିଥିବାବେଳେ ୱେଷ୍ଟଇଣ୍ଡିଜ୍ ୧୫ ଓଭର୍ ୨ଟି ବଲ୍‌ରେ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରିଥିଲା ।

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ଠାରେ ଆମେରିକା ଓ ନାମିବ୍ୟା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଆମେରିକା ୩୧ ରନ୍‌ରେ ବିଜୟ ହାସଲ କରିଛି । ଆମେରିକା ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ବିନିମୟରେ ୧୯୯ ରନ୍ ସଂଗ୍ରହ କରିଥିବାବେଳେ ନାମିବ୍ୟା ୬ ୱିକେଟ୍ ହରାଇ ୧୬୮ ରନ୍ କରିବାକୁ ସକ୍ଷମ ହୋଇଥିଲା ।

*****